بسم الله الرحمن الرحيم

# ୧୧ ଜୁଲାଇ ୨୦୧୪ ଖୁତବାଃ ଜୁମାର ସାରାଂଶ

**ସ୍ଥାନ:ମସଜିଦ୍ ବୈତୁଲ୍ ଫୁତୁହ, ଲଣ୍ଡନ** **ସୌଜନ୍ୟ: ନଜାରତ୍ ନଶ୍ରୋ ଇଶାଅତ୍, କାଦିୟାନ**

ତଶହହୁଦ୍ ତା'ଉଜ୍ ଓ ସୁରା ଫାତିହା ଆବୃତ୍ତି କରି ସାରି ଆମର ପ୍ରିୟ ଖଲିଫା[ଅବ] ପବିତ୍ର କୋରାନର ନିମ୍ନୋକ୍ତ ପଙ୍‌କ୍ତି ପାଠ କଲେ:

شَهْرُ رَمَضَانَ الَّذِيْٓ اُنْزِلَ فِيْهِ الْقُرْاٰنُ هُدًى لِّلنَّاسِ وَبَيِّنٰتٍ مِّنَ الْهُدٰى وَالْفُرْقَانِ ۚ فَمَنْ شَهِدَ مِنْكُمُ الشَّهْرَ فَلْيَصُمْهُ ۚ وَمَنْ كَانَ مَرِيْضًا اَوْ عَلٰى سَفَرٍ فَعِدَّةٌ مِّنْ اَيَّامٍ اُخَرَ ۚ يُرِيْدُ اللّٰهُ بِكُمُ الْيُسْرَ وَلَا يُرِيْدُ بِكُمُ الْعُسْرَ ۚ وَلِتُكْمِلُوا الْعِدَّةَ وَلِتُكَبِّرُوا اللّٰهَ عَلٰى مَا هَدٰىكُمْ وَلَعَلَّكُمْ تَشْكُرُوْنَ

**ଶହ୍‌ରୁ ରମଜାନଲ୍ ଲଜି ଉନ୍‌ଜିଲା ଫିହିଲ୍ କୁର୍‌ଆନ୍ ହୁଦଲ୍ ଲିନ୍‌ନାସି ୱ୍ ବୈୟେନାତିମ୍ ମିନଲ୍ ହୁଦା ୱଲ୍ ଫୁର୍‌କାନ୍; ଫମନ୍ ଶହିଦା ମିନ୍ କୁମୁଶ୍ ଶହ୍‌ରା ଫଲ୍ ୟସୁମ୍‌ହୁ; ୱ୍ ମନ୍ କାନା ମରୀଜନ୍ ଅଉ ଅଲା ସଫରୀନ୍ ଫ ଇଦ୍‌ଦତୁମ୍ ମିନ୍ ଅୟାମିନ୍ ଉଖରା; ୟୁରିଦୁଲ୍‌ଲାହୁ ବିକୁମୁଲ୍ ୟୁସ୍‌ରା ୱ୍‌ଲା ୟୁରିଦୁ ବିକୁମୁଲ୍ ଉସ୍‌ରା; ୱ୍ ଲି ତୁକ୍‌ମିଲୁଲ୍ ଇଦ୍‌ଦତା ୱ୍ ଲିତୁକବ୍ ବିରୁଲ୍ଲାହା ଅଲା ମା ହଦାକୁମ୍ ୱ୍ ଲାଅଲ୍‌ଲକୁମ୍ ତଶ୍‌କୁରୁନ୍ ।।**

ଉପରୋକ୍ତ ଆୟତ୍‌ର ଅନୁବାଦ ଏହିପରି:

'ରମଜାନ୍ ହେଉଛି ସେହି ମାସ, ଯହିଁରେ ଏକ ମହାନ୍ ସତ୍‌ଶିକ୍ଷା ରୂପେ କୋରାନ୍‌କୁ ମାନବ ସମାଜ ସକାଶେ ଅବତୀର୍ଣ୍ଣ କରାଯାଇଛି । ଯାହା ସମସ୍ତ ଲୋକଙ୍କ ପାଇଁ ସତ୍‌ପଥ ରୂପେ ପ୍ରେରିତ ହୋଇଛି । ଏଥିରେ ଖୋଲାଖୋଲି ଭାବରେ ନିଦର୍ଶନର ପ୍ରମାଣ ସ୍ୱରୂପ ସତ୍‌ଶିକ୍ଷାକୁ ପ୍ରାଞ୍ଜଳ କରି ବୁଝାଇ ଦିଆଯାଇଛି ଯହିଁରେ ସତ୍ୟ ଓ ଅସତ୍ୟ ମଧ୍ୟରେ ପ୍ରଭେଦ କରୁଥିବା ତଥ୍ୟ ରହିଛି । ତେଣୁ ତୁମେମାନେ ଏହି ମାସରେ ରୋଜା ରଖ ଏବଂ ରୋଗରେ ପୀଡିତ ବ୍ୟକ୍ତି (ମରିଜ୍) ଓ ଯାତ୍ରା କରୁଥିବା ବ୍ୟକ୍ତି (ମୁସାଫିର୍)ମାନେ ରୋଜା ନରଖି ପାରିଲେ ସେହି ରୋଜାକୁ ଅନ୍ୟ ଦିନମାନଙ୍କରେ ପୂରଣ କରିବାକୁ ହେବ । ଅଲ୍ଲାଃ ତୁମମାନଙ୍କ ସକାଶେ ଏହାକୁ ସହଜ କରିଦେଇଛନ୍ତି ଓ ସେ କେବେହେଲେ ତୁମମାନଙ୍କୁ କଠିନ ପରିସ୍ଥିତିରେ ପକାଇବାକୁ ଚାହାନ୍ତି ନାହିଁ, ଯଦ୍ୱାରା ତୁମେ ସୁବଧାଜନକ ଭାବେ ନିର୍ଦ୍ଦିଷ୍ଟ ସଂଖ୍ୟକ ଅବଶିଷ୍ଟ ରୋଜା ପୂରଣ କରିବ । ଏହି ନିର୍ଦ୍ଦେଶର ଆଧାରରେ ଅଲ୍ଲାଃଙ୍କର ବଡିମା ଗାନ କରିବା ତୁମର କର୍ତ୍ତବ୍ୟ । ଯାହା ତୁମକୁ ସେ ଦେଇଛନ୍ତି,ସେଥିପାଇଁ ତାଙ୍କ ଠାରେ କୃତଜ୍ଞ ରୁହ' । **(ଅଲ୍-ବକ୍‌ରା ୧୮୬)**

ପବିତ୍ର କୋରାନର ବୈଶିଷ୍ଟ୍ୟ, ଏହାର ମହିମା ଓ ଏହାର ଶିକ୍ଷା ଉପରେ ପାଳନ କରିବାର ଆବଶ୍ୟକତାକୁ ପ୍ରଥମେ ବୁଝିବାକୁ ହେବ । ଯଥା ଏହାକୁ କିପରି ଅମଳ କରିବାକୁ ପଡିବ ? କେଉଁ ଲୋକମାନଙ୍କ ଜୀବନକୁ ଏହା ପ୍ରାଣବନ୍ତ କରିବାର ମାଧ୍ୟମ ହୋଇଥାଏ ? ଅର୍ଥାତ୍ ମଣିଷ ଜୀବନ ଉପରେ ଏହା କିପରି ପ୍ରଭାବ ପକାଇଥାଏ ? ଏପରି ଅଗଣିତ ବିଷୟ ରହିଛି, ଯାହାକୁ ପବିତ୍ର କୋରାନ ବିସ୍ତୃତ ଭାବରେ ବର୍ଣ୍ଣନା କରିଛି । ଐଶ୍ୱରିକ ବିଧାନକୁ ବହନ କରିଥିବା ଏପରି ମହାନ ପୁସ୍ତକର ଶିକ୍ଷା ଉପରେ ଅମଳ କରି ଆମେ ଯେ କେବଳ ଆମର ଆଧ୍ୟାତ୍ମିକ, ଧାର୍ମିକ ଓ ଚରିତ୍ରିକ ଉନ୍ନତି ସକାଶେ ସାଧନ ଜୁଟାଇବା ତା' ନୁହେଁ ବରଂ ତହିଁରୁ ଆମର ସାଂସାରିକ ଉନ୍ନତି ଲାଭ କରିବାର ସକଳ ପ୍ରକାର ସୁଯୋଗ ମଧ୍ୟ ହାସଲ କରିବା । ମୁଁ ଏବେ ଯେଉଁ ଆୟତ୍ ପାଠ କଲି, ତାହାର ଭାବାର୍ଥରୁ ଜଣା ପଡୁଛି ଯେ ରମଜାନ ମାସ ସହିତ ପବିତ୍ର କୋରାନର ସଂପର୍କ ସ୍ଥାପନ କରି ଏହାର ସମୃଦ୍ଧିକୁ ରମଜାନ ସହିତ ଯୋଡାଯାଇଛି ଓ ସେହିପରି ରମଜାନର ସଂପର୍କକୁ କୋରାନ ସହିତ ସଂଯୁକ୍ତ କରିବା ଫଳରେ ରମଜାନ୍‌ର ମହିମାକୁ ଅଧିକ ବିକଶିତ କରାଯାଇଛି ।

شَهْرُ رَمَضَانَ الَّذِيْٓ اُنْزِلَ فِيْهِ الْقُرْاٰنُ ର ପଙ୍‌କ୍ତିକୁ ଏଠାରେ ଦର୍ଶାଇ ଆମମାନଙ୍କୁ କୁହାଯାଇଛି ଯେ କୋରାନ ନାମକ ଏହି ଅନ୍ତିମ ବିଧାନ ତଥା ଏପରି ସଂପୂର୍ଣ୍ଣ ଧର୍ମପୁସ୍ତକର ରମଜାନ ସହିତ ନିଗୁଢ ସଂପର୍କ ରହିଛି । ତେଣୁ ଯେଉଁ ବ୍ୟକ୍ତି ନିଜର ଈଶ୍ୱର ବିଶ୍ୱାସରେ ଉନ୍ନତି ଆଣିବାକୁ ଚାହୁଁଅଛି, ଯେଉଁ ବ୍ୟକ୍ତି ଏହି ଶେଷ ଓ ସଂପୂର୍ଣ୍ଣ ବିଧାନବାହୀ ପୁସ୍ତକର ମହତ୍ତ୍ୱ ସମ୍ବନ୍ଧରେ ଦୁନିଆର ଲୋକଙ୍କୁ ଜଣାଇବାକୁ ଚାହୁଁଛି, ସେ ରମଜାନ ଓ କୋରାନ ପ୍ରତି ତାହାର ଯେଉଁ କର୍ତ୍ତବ୍ୟ ରହିଛି ତାହାକୁ ସଂପାଦନ କରୁ । ଇସଲାମର ଆଗମନକାଳୀନ ଯୁଗରେ ସେ ପ୍ରବେଶ କରି ନିଜ କର୍ମର ଅନୁଶୋଚନା କରିବ ଓ ହଜରତ ମୁହମ୍ମଦ[ସଅ]ଙ୍କ ସାନିଧ୍ୟର ମହକ ଅନୁଭବ କରିବ ଏବଂ ଯେଉଁ ବ୍ୟକ୍ତି ଇଚ୍ଛା କରୁଛି ଯେ ନିଜ ମୃତ୍ୟୁର ପଦଧ୍ୱନି ଶୁଣି ଅଲ୍ଲାଃଙ୍କ ସାମିପ୍ୟ ଲାଭ କରିବାକୁ ଚେଷ୍ଟିତ ହେବ ସେଇମାନେ ହିଁ ରମଜାନ ଓ କୋରାନର ସଂପର୍କକୁ ବୁଝିପାରିବେ । ସୁତରାଂ ଏହାର ତାତ୍ପର୍ଯ୍ୟକୁ ଆପଣମାନେ ଉପଲବ୍ଧି କରନ୍ତୁ । କାରଣ ବର୍ଷର ଅନ୍ୟ ସବୁ ମାସ ଓ ଦିନମାନଙ୍କରେ ଏହି ସଂପର୍କରେ ବ୍ୟବଧାନ ଅଧିକ ବଢିଯାଇ ଥିବାର ମନେ ହୁଏ । ସେହି ଦୂରତାକୁ ପୁଣି ଥରେ ସଂକୁଚିତ କରି ଏହି ମାସରେ ନିକଟବର୍ତ୍ତୀ

କରି ଦିଆଯାଇଛି । ସୁତରାଂ ଜଣେ ପ୍ରକୃତ ଧର୍ମବିଶ୍ୱାସୀ(ମୋମିନ୍) ରୋଜାର କର୍ମ ବିଧି ପାଳନ କରି ଲାଭପ୍ରଦ ହେବ ଏବଂ ଯେତେ ଅଧିକରୁ ଅଧିକ ଉପକାର ପାଇବା ପାଇଁ ଏହି ମାସରେ ଚେଷ୍ଟା କରିବା ଉଚିତ ।

ହଜରତ ମସିହ ମଉଦ[ଅସ] କହୁଛନ୍ତି: شَهْرُ رَمَضَانَ الَّذِيْٓ اُنْزِلَ فِيْهِ الْقُرْاٰنُ

ଏହା ଏକମାତ୍ର ଆୟତ୍‌ର ଅଂଶ ଯହିଁରୁ ରମଜାନର ବିଶେଷତ୍ୱ ଜଣାପଡେ । ସେ ଏହା ମଧ୍ୟ କହିଲେ ଯେ ଏହି ବିଶେଷତ୍ୱ ରହିଥିବା ଯୋଗୁଁ ରୋଜାର ପୁଣ୍ୟଫଳ ଅତ୍ୟନ୍ତ ଉଚ୍ଚକୋଟୀର ସାବସ୍ତ୍ୟ ହୋଇଥାଏ । କିନ୍ତୁ ସେହି ପୁଣ୍ୟଫଳ ଅର୍ଜନ କରିବା ପାଇଁ ଆପଣମାନେ ରୋଜା ଓ କୋରାନ୍‌ର ଆପୋଷ ସଂବନ୍ଧକୁ ଯୋଡନ୍ତୁ ଯେହେତୁ ଏହା ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡିତ । ତେବେ ଏହି ସଂବନ୍ଧକୁ କିପରି ଯୋଡାଯାଇ ପାରିବ ? ଯେତେବେଳେ ଆପଣମାନେ ରୋଜା ରଖିବା ସହିତ କୋରାନ ପାଠ କରିବେ, ଏହାର ବ୍ୟାଖ୍ୟାକୁ ଧ୍ୟାନ ଦେଇ ଶୁଣିବେ ଏବଂ ଏହାର ଭାବକୁ ବୁଝିବେ ବା ଏହାର ଅର୍ଥକୁ ପଢି ତା' ଉପରେ ଚିନ୍ତା କରିବେ । ଯେତେଦୂର ମୁଁ ଏ ବିଷୟରେ ଅନୁସନ୍ଧାନ କରିଛି, ଏପରି ବହୁତ ଲୋକ ଅଛନ୍ତି ଯେଉଁମାନେ ରମଜାନର ଅବଧିରେ କୋରାନ ପ୍ରତି ରହିଥିବା ସେମାନଙ୍କ କର୍ତ୍ତବ୍ୟ ପାଳନ କରିବାକୁ ଚେଷ୍ଟା କରନ୍ତି ନାହିଁ । ଅର୍ଥାତ୍ ତାହାକୁ ସଂପୂର୍ଣ୍ଣ ଭାବେ ପଢନ୍ତି ନାହିଁ । ଯେପରି ମନଧ୍ୟାନ ଦେଇ ପଢିବା କଥା, ସେପରି ପଢନ୍ତି ନାହିଁ । କେବଳ ଇଚ୍ଛା ନଥାଇ ଉପର୍ ଠାଉରିଆ ଭାବେ ଅଳ୍ପ କିଛି ପଢି ଥୋଇ ଦିଅନ୍ତି । ସୁତରାଂ ଏଥିପ୍ରତି ଆପଣମାନେ ଦୃଷ୍ଟି ଦେବା ଆବଶ୍ୟକ । ପୁଣି شَهْرُ رَمَضَانَ الَّذِيْٓ اُنْزِلَ فِيْهِ الْقُرْاٰنُ ର ଅର୍ଥ ଏପରି ବି ରହିଛି ଯେ ଏହି ମାସରେ ପବିତ୍ର କୋରାନର ବାଣୀ ଅବତୀର୍ଣ୍ଣ ହେବା ଆରମ୍ଭ ହେଲା । ହଜରତ ଆଏସା[ରଅ] ଏପରି କହନ୍ତି, 'ଦେବଦୂତ ଜିବ୍ରାଇଲ୍ ପ୍ରତିବର୍ଷ ରମଜାନ ମାସରେ ଆସି ହଜରତ ମୁହମ୍ମଦ[ସଅ]ଙ୍କ ସହିତ ଅଲ୍ଲାଃଙ୍କ ଦିବ୍ୟ ପ୍ରକଟିତ କୋରାନ ବାଣୀ ଦୋହରାଉଥିଲେ । ମୁହମ୍ମଦ[ସଅ]ଙ୍କ ମୃତ୍ୟୁ ବର୍ଷ କୋରାନ୍‌ର ସଂପୂର୍ଣ୍ଣ ବାଣୀକୁ ଦୁଇଥର ଆମୂଳଚୁଳ ପୁନରାବୃତ୍ତି କରାଯାଇଥିଲା ।

ସୁତରାଂ ଆମ ପ୍ରିୟତମ ନବି ମୁହମ୍ମଦ[ସଅ]ଙ୍କ ଜୀବନ ଚରିତକୁ ଅନୁଧ୍ୟାନ କଲେ ଜଣାପଡେ ଯେ ଅଲ୍ଲାଃତାଲାଙ୍କ ବିଶେଷ ଇଚ୍ଛାକୁ କାର୍ଯ୍ୟକାରୀ କରି କୋରାନର ବାରମ୍ବାର ଆବୃତ୍ତି କରିବାର ଏହି ଧାରାବାହିକ ରୀତି ଆମକୁ ଅଭ୍ୟାସରେ ପରିଣତ କରିବା ପାଇଁ ପ୍ରବର୍ତ୍ତାଉଛି । ଅତି କମରେ ଥରେ ହେଲେ କୋରାନକୁ ସଂପୂର୍ଣ୍ଣ ଭାବେ ରମଜାନ୍ ମାସ ମଧ୍ୟରେ ଆବୃତ୍ତି କରିବା ଜରୁରି । ଯେପରି ମୁଁ କହିଛି, ପଢୁଥିବା ଆୟତର ଭାବାର୍ଥ ଉପରେ ଚିନ୍ତା କରିବା ଉଚିତ ଓ ଏହାର ସଂହାର ମର୍ମକୁ ବୁଝିବା ଉଚିତ, ଯଦ୍ଦ୍ୱାରା ଅଲ୍ଲାଃଙ୍କ ଏହି ବାଣୀ: هُدًى لِّلنَّاسِ 'ହୁଦଲ୍ ଲିନ୍‌ନାସ୍' ଅର୍ଥାତ୍ 'ସମଗ୍ର ମାନବ ଜାତି ପାଇଁ ସତ୍‌ଶିକ୍ଷା'ବୋଲି ଏହାର ଯଥାର୍ଥତା ପ୍ରତିପାଦିତ ହୋଇପାରିବ । ଏହା ସେହି ଲୋକମାନଙ୍କ ପାଇଁ ସତ୍‌ଶିକ୍ଷା, ଯେଉଁମାନେ ଏହାକୁ ଅଧ୍ୟୟନ କରିବେ ଓ ଏହାର ଗୁଢତତ୍ତ୍ୱକୁ ବୁଝିବେ, ଅନ୍ୟଥା ଏହି ବାଣୀର ଅସଲ ଉଦ୍ଦେଶ୍ୟ ସଠିକ ରୂପେ ପାଳିତ ହୋଇପାରିବ ନାହିଁ ।

ସୁତରାଂ ଏହି ପୁସ୍ତକ ସମସ୍ତ ନୀତିଶିକ୍ଷା ମୂଳକ ଶାଶ୍ୱତ ବାଣୀର ସମାହାର । ଏହା ସଂପୂର୍ଣ୍ଣ, ଅନନ୍ୟ ଓ ଅଦ୍ୱିତୀୟ ଗ୍ରନ୍ଥ, ଯାହା ସର୍ବକାଳୀନ, ସାର୍ବଜନୀନ ଓ ଚିରନ୍ତନ ଶିକ୍ଷାରେ ପରିପୂର୍ଣ୍ଣ । ଏଥିରେ ଦୈନନ୍ଦିନ ଜୀବନରେ ଘଟୁଥିବା ପ୍ରତ୍ୟେକ ସମସ୍ୟାର ରହିଛି ସମାଧାନ । ପୁରାତନ ଧର୍ମ ପୁସ୍ତକଗୁଡିକରେ ରହିଥିବା ତ୍ରୁଟି ବିଚ୍ୟୁତିକୁ ମଧ୍ୟ ବାହାର କରିବାରେ ଏହା ସବୁବେଳେ ସକ୍ଷମ । ସେଗୁଡିକରେ ଥିବା ଦୋଷ ଦୁର୍ବଳତା ଜନିତ ସମସ୍ତ ଅଭାବକୁ ପୂରଣ କରିଦେଇଥାଏ ଏହି କୋରାନ । ଅଲ୍ଲାଃଙ୍କର ଆମ ପ୍ରତି ଅପାର ଅନୁଗ୍ରହ ଯେ ଆମେମାନେ ଏହି ଯୁଗରେ ଜନ୍ମ ଗ୍ରହଣ କରିଛୁ । ପୁଣି ଚଳିତ ଯୁଗର ପ୍ରତିଶ୍ରୁତ ଅବତାର-ମସିହ ମଉଦ[ଅସ]ଙ୍କୁ ମାନିବାର ସୌଭାଗ୍ୟ ଲାଭ କରିଛୁ । ଯାହାଙ୍କ ମାଧ୍ୟମରେ ଆମେ କୋରାନ କରୀମର ମହତ୍ତ୍ୱ ଓ ଦିବ୍ୟ ତତ୍ତ୍ୱ ଜାଣିବାର ଶକ୍ତି ଧାରଣ କରିଛୁ । ସେ ଆମ ସମ୍ମୁଖରେ ପବିତ୍ର କୋରାନ୍‌ର ବିଶୁଦ୍ଧ ବ୍ୟାଖ୍ୟା କରି ତାତ୍ତ୍ୱିକ ଜ୍ଞାନ ଓ ସୂକ୍ଷ୍ମ ବୁଦ୍ଧିମତାର ଅସରନ୍ତି ଭଣ୍ଡାର ରଖି ଯାଇଛନ୍ତି । ତାଙ୍କ ଦ୍ୱାରା ଲିଖିତ ପୁସ୍ତକଗୁଡିକୁ ଅଧ୍ୟୟନ କଲେ ଏହାର ସଠିକ ପରିଚୟ ମିଳିପାରିବ । ଏବେ ମୁଁ ପବିତ୍ର କୋରାନ ସମ୍ବନ୍ଧୀୟ ତାଙ୍କର କେତେକ ଉକ୍ତିକୁ ଉଦ୍ଧାର କରି ଆପଣମାନଙ୍କୁ ଶୁଣାଇବି, ଯହିଁରୁ କୋରାନର ମହିମା ଓ ତାହାର ସ୍ଥାନ କେତେ ଉଚ୍ଚରେ ତାହା ଜଣାପଡିବ ।

ସୁତରାଂ ହଜରତ ମସିହ ମଉଦ[ଅସ] ଲେଖିଛନ୍ତି;

خَاتَمَ النَّبِيِّيْنَ 'ଖାତମନ୍ ନବିୟୀନ୍' ଶବ୍ଦ ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ଆଖ୍ୟାୟିତ କରାଯାଇଛି । ସ୍ୱଭାବତଃ ଏହି ଶବ୍ଦ କେବଳ ହଜରତ ମୁହମ୍ମଦ[ସଅ]ଙ୍କୁ ଅନ୍ତିମ ବିଧାନବାହୀ ଅବତାର (ଶ୍ରେଷ୍ଠ ନବି) ରୂପେ ଘୋଷଣା କରାଯିବା ପାଇଁ ଅବତୀର୍ଣ୍ଣ ହୋଇନାହିଁ, ବରଂ କୋରାନ ମଧ୍ୟ ଅନ୍ତିମ ବିଧାନବାହୀ ପୁସ୍ତକ ଅର୍ଥାତ୍ ଶେଷ ଶରୀୟତ୍ ବୋଲି ଏଥିରେ କୁହାଯାଇଛି । ସମସ୍ତ ଐଶ୍ୱରୀକ ବାଣୀ ଉତ୍କର୍ଷତାରେ ପରିପୂର୍ଣ୍ଣ କରାଯାଇ ପ୍ରକୃତ ଅର୍ଥରେ ମାନବିକତା ଓ ଆଧ୍ୟାତ୍ମିକତାର ଶ୍ରେଷ୍ଠ ଶିକ୍ଷାକୁ ଏହି ଗ୍ରନ୍ଥରେ ଠୁଳ କରାଯାଇଛି । ଏହା ଶ୍ରେଷ୍ଠତା ଲାଭ କରିବାର କାରଣ ହେଉଛି ଦିବ୍ୟବାଣୀ ଗୁଡିକ ଅବତୀର୍ଣ୍ଣ ହେବାର ଯେଉଁ ସାଧାରଣ ନୀତି ନିୟମ ରହିଛି, ତଦନୁଯାୟୀ କୌଣସି ଅବତାରଙ୍କ ପକ୍ଷେ ପ୍ରଭୁଙ୍କର ପବିତ୍ର ସାନିଧ୍ୟ ଯେପରି ଲାଭ କରିବାର କ୍ଷମତା ରହିଥିବ ଓ ଆଧ୍ୟାତ୍ମିକ ଜ୍ଞାନ ପ୍ରାପ୍ତ କରିବାରେ ସେ ଯେପରି ସ୍ତରର ଦକ୍ଷତା ପାଇଥିବେ, ସେହି ଧରଣର ଦିବ୍ୟ ଶକ୍ତି ପ୍ରଭୁଙ୍କ ବାଣୀରେ ତାଙ୍କୁ ଅବଶ୍ୟ ମିଳିଥାଏ । ଯେହେତୁ ହଜରତ ମୁହମ୍ମଦ[ସଅ] ଅଲ୍ଲାଃଙ୍କ ପବିତ୍ର ସାନିଧ୍ୟ ଲାଭ କରିବାର କ୍ଷମତା ଅତି ଉଚ୍ଚସ୍ତରୀୟ ଥିଲା, ଯାହା ଅନ୍ୟ କୌଣସି ମନୁଷ୍ୟ ପାଖରେ କେବେ ବି ଦେଖିବାକୁ ମିଳେ ନାହିଁ ଓ

ଭବିଷ୍ୟତରେ ମଧ୍ୟ ଏହା ଦେଖିବାକୁ ମିଳିବ ନାହିଁ । ସେଥିପାଇଁ ପବିତ୍ର କୋରାନ୍‌ର ମହିମା ଓ ପଦମର୍ଯ୍ୟାଦା ଅନ୍ୟ ସମସ୍ତ ଧର୍ମପୁସ୍ତକ ତୁଳନାରେ ଏପରି ଶୀର୍ଷ ସ୍ଥାନ ଅଧିକାର କରିଛି, ଯେଉଁ ସ୍ଥାନରେ ଅନ୍ୟ ପୁସ୍ତକର କୌଣସି ନୀତିବାଣୀ ପହଞ୍ଚିପାରି ନାହିଁ । ତାହାଙ୍କ ଠାରେ ଅଲ୍ଲାଃଙ୍କ ଅବତରିତ ବାଣୀକୁ ଧାରଣ କରିବାର ସାମର୍ଥ୍ୟ ପ୍ରଚଣ୍ଡ ଥିଲା, ଅଲ୍ଲାଃଙ୍କ ପବିତ୍ର ସାନିଧ୍ୟ ଲାଭ କରିବାର ଶକ୍ତି ଅସାଧାରଣ ଥିଲା । ତେଣୁ ତାଙ୍କର ପଦମର୍ଯ୍ୟାଦା ତଥା ଅବତରୀୟ ଲୀଳାର ମହିମା ଚରମ ସୀମାରେ ପହଞ୍ଚି ଯାଇଥିଲା । ଈଶ୍ୱରୀୟ ସତ୍ତାକୁ ଅନୁଭବ କରିବାର ଶକ୍ତି ତାଙ୍କର ସୀମାହୀନ ଦେଖାଯାଉଥିଲା ଓ ତାହା ଶେଷ ବିନ୍ଦୁରେ ଯାଇ କେନ୍ଦ୍ରୀତ ହୋଇଥିଲା । ଯେପରି ଶିଖର ସ୍ଥାନରେ ତାଙ୍କର ନବୁଓ୍ୱତ, ସେହିପରି କୋରାନର ଦିବ୍ୟଶିକ୍ଷା ଅତି ଚମତ୍କାର । ଯେପରି ସେ ଥିଲେ 'ଖାତମନ୍ ନବିୟୀନ୍' ସେହିପରି ପବିତ୍ର କୋରାନ 'ଖାତମୁଲ୍ କୁତୁବ' । କାରଣ ଏହି ପୁସ୍ତକର ମାନ ଅତି ନିଖୁଣ ଓ ଚମତ୍କାରିତାରେ ପରିପୂର୍ଣ୍ଣ । ଏହାର ପ୍ରତ୍ୟେକ ନୀତିବାକ୍ୟ ଅନୁପମ ସୌନ୍ଦର୍ଯ୍ୟରେ ଭରପୁର । ଐଶ୍ୱରିକ ବାଣୀରେ ଯେତେସବୁ ଉତ୍କୃଷ୍ଟ ଗୁଣ ରହିପାରେ ସେ ସବୁ ଗୁଣ ବହନ କରିବାରେ କୋରାନ ହେଉଛି ଏକ ମାତ୍ର ଅଧିକାରୀ । ଏପରିକି ସମସ୍ତ ଦିଗରୁ ଦେଖିଲେ ତାହାର ପଟାନ୍ତର ନାହିଁ । ଉତ୍ତମ ଶବ୍ଦ ସଂଯୋଜନରେ ଯେପରି ଏହା ନିପୁଣ, ଏହାର ମାର୍ମିକ ଅର୍ଥର ଆଭିମୁଖ୍ୟ ସେହିପରି ବ୍ୟାପକ । ବିଷୟ ବସ୍ତୁର କ୍ରମ ବିନ୍ୟାସ ଯେମିତି ସୁସଂଗତ, ନୈତିକ ଶିକ୍ଷାଗତ ଦୃଷ୍ଟିକୋଣରୁ ଏହା ଶାଶ୍ୱତ । ଶିକ୍ଷାର ମାଧୁର୍ଯ୍ୟ ହେଉ ଅବା ଏହାର ଫଳାଫଳ, ବିଷୟ ବସ୍ତୁର ତାତ୍ତ୍ୱିକ ଭାବ ହେଉ ଅବା ଏହାର ସାବଲୀଳ ଉପସ୍ଥାପନା ଶୈଳୀ, ପ୍ରତ୍ୟେକ ଦିଗରୁ ଅଲୌକିକତାର ଝଲକ ମିଳେ । ସେହି କାରଣରୁ ଏହା କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ଶ୍ରେଷ୍ଠତାର ପ୍ରମାଣ ଖୋଜେ ନାହିଁ । ବରଂ ସମସ୍ତ ପ୍ରସଙ୍ଗର ଗୁରୁତ୍ୱକୁ ସାଧାରଣ କରିଦେଇଛି । ଯେଉଁ ଦିଗରୁ ଚାହିଁବ ଏହାର ମୁକାବିଲା କରିବ । ତାହା କୋରାନ ଗ୍ରନ୍ଥରେ ରହିଥିବା ଶିକ୍ଷାର ତାତ୍ପର୍ଯ୍ୟ ହୋଇପାରେ, ତାହା ଶିକ୍ଷାର ଲକ୍ଷ୍ୟ ହୋଇପାରେ, ତାହା ନିର୍ଦ୍ଦେଶାବଳୀ ହୋଇପାରେ, ତାହା ବିଜ୍ଞାନଭିତ୍ତିକ ତଥ୍ୟ ହୋଇପାରେ, ତାହା ଭବିଷ୍ୟବାଣୀ ହୋଇପାରେ କିମ୍ବା ଗୋପନ ରହସ୍ୟର ତତ୍ତ୍ୱ ହୋଇପାରେ । ସବୁ କ୍ଷେତ୍ରରେ ଏହାର ପ୍ରତିଭା ଅଲୌକିକ ।'

ପୁଣି କୋରାନର ମହାତ୍ମ୍ୟ ବର୍ଣ୍ଣନା କରି ହଜରତ ମସିହ ମଉଦ[ଅସ] କହୁଛନ୍ତି:

'ଯଦି ଆମ ନିକଟରେ କୋରାନ ନ ଥା'ନ୍ତା, ଆମକୁ କେବଳ ହଦିସରେ ବର୍ଣ୍ଣିତ ତଥ୍ୟଭିତ୍ତିକ ବାଣୀସମୂହ ଉପରେ ଆସ୍ଥା ରଖିବାକୁ ପଡିଥାନ୍ତା, ତା'ହେଲେ ଆମେ ଲଜ୍ୟାରେ ମୁହଁ ଦେଖାଇ ପାରି ନଥା'ନ୍ତେ । କାରଣ ମୁଁ 'କୁରଆନ୍' ଶବ୍ଦ ଉପରେ ଯେବେ ଧ୍ୟାନ ଦେଇ ଗଭୀର ଭାବେ ଚିନ୍ତା କଲି ମୋତେ ଏହି ଶୁଭଙ୍କର ଶବ୍ଦ ମଧ୍ୟରେ ଏକ ପ୍ରକାଣ୍ଡ ଭବିଷ୍ୟତବାଣୀର ଭେଦ ଖୋଲିଗଲା । ତାହା ହେଉଛି କେବଳ ପଢିବାର ଏକମାତ୍ର ଯୋଗ୍ୟ ଓ ପ୍ରକୃଷ୍ଟ ପୁସ୍ତକ ହେଉଛି କୋରାନ୍, ଯେପରି ଏବେ ତାହା ପଠନ କରାଯାଇ ପାରିବ, ସେହିପରି ଭବିଷ୍ୟତରେ ମଧ୍ୟ ପଠନୋପଯୋଗୀ ପୁସ୍ତକ ରୂପେ ଏହା ବିବେଚିତ ହେବ । ଏପରିକି ଅନ୍ୟ ଧର୍ମପୁସ୍ତକ ମଧ୍ୟ ପଠନ ସକାଶେ ଏହା ସହିତ ସମ୍ମିଳିତ ହେବେ । ସେ ସମୟରେ ଇସଲାମର ସମ୍ମାନ ରକ୍ଷା କରିବା ପାଇଁ ତଥା ମିଥ୍ୟାବାଦର ମୂଳୋତ୍ପାଟନ ସକାଶେ କୋରାନ୍ ହିଁ କେବଳ ଅଧ୍ୟୟନ ପାଇଁ ଯୋଗ୍ୟତମ ପୁସ୍ତକ ରୂପେ ବ୍ୟବହୃତ ହେବ । ଅବଶିଷ୍ଟ ସମସ୍ତ ପୁସ୍ତକ ପରିତ୍ୟକ୍ତ ଅବସ୍ଥାରେ ରହିଯିବେ । କୁରଆନ୍‌ର ଅନ୍ୟ ନାମ 'ଫୁରକାନ୍' ଯାହାର ଅର୍ଥ 'ସତ୍ୟ ଓ ଅସତ୍ୟ ମଧ୍ୟରେ ପ୍ରଭେଦ' ଦର୍ଶାଉଥିବା ଏହି ଏକମାତ୍ର ପୁସ୍ତକ ସମ୍ମୁଖରେ କୌଣସି ହଦିସ ଅଥବା ଅନ୍ୟାନ୍ୟ ଧର୍ମପୁସ୍ତକ ସମକକ୍ଷ ହୋଇପାରିବେ ନାହିଁ । ସେଥିପାଇଁ ଅନ୍ୟ ସମସ୍ତ ପୁସ୍ତକକୁ ପରିହାର କର ଓ ଅହର୍ନିଶି ଏହି ଦିବ୍ୟଗ୍ରନ୍ଥକୁ ହିଁ ପାଠକର । ସେ ହିଁ ବ୍ୟକ୍ତି ବହୁତ ଅବିଶ୍ୱାସକାରୀ, ଯିଏ କୋରାନ ଆଡକୁ ନିଜ ଧ୍ୟାନ ଆକର୍ଷିତ କରେ ନାହିଁ ଓ ଅନ୍ୟ ଧର୍ମପୁସ୍ତକ ପ୍ରତି ଦିବାରାତ୍ରୀ ମୁଣ୍ଡ ନୁଆଇଁ ରହେ । ଆମ ଜମାଅତର ଲୋକମାନେ କୋରାନକୁ ଅଧ୍ୟୟନ କରିବାରେ ମନୋନିବେଶ କରିବା ଓ ମନପ୍ରାଣ ଦେଇ କୋରାନର ଚର୍ଚ୍ଚାରେ ମଗ୍ନ ହୋଇଯିବା ଉଚିତ । ଏଥି ସହିତ ମୋର ଉପଦେଶ ଯେ ହଦିସ ପଢିବାର ମୋହଭଙ୍ଗ କରନ୍ତୁ । ବଡ ପରିତାପର ବିଷୟ ଯେ ହଦିସକୁ ଯେପରି ଗୁରୁତ୍ୱ ଦିଆଯାଉଛି ଓ ଆଗ୍ରହ ଜନକ ଭାବେ ଏହାର ଆଲୋଚନା କରାଯାଉଛି ସେପରି ଆଗ୍ରହରେ କୋରାନ୍‌ର ପ୍ରବଚନ କରାଯାଉନାହିଁ କି ବହୁଳ ଭାବେ ଏହାର ଚର୍ଚ୍ଚା ହେଉନାହିଁ । ଏବେ ସମୟ ଆସିଛି, କୋରାନର ମଶାଲକୁ ହାତରେ ତୋଳିଧର, ଯଦ୍ୱାରା ତୁମେ ବିଜୟୀ ହେବ । ଏହି ଜ୍ୟୋତିର୍ମୟ ବାଣୀର ତେଜ ସମ୍ମୁଖରେ କୌଣସି ଅଜ୍ଞାନରୂପୀ ଅନ୍ଧକାର ତିଷ୍ଠି ରହିପାରେ ନାହିଁ ।

ପୁନଶ୍ଚ ସେ ନିଜ ଜମାଅତକୁ ଉପଦେଶ ଦେଇ କୁହନ୍ତି: ମୁଁ ତୁମକୁ ସତର୍କ କରିଦେଉଛି ଯେ ବିଭୁଶିକ୍ଷା ଓ କୋରାନର ସତ୍‌ଶିକ୍ଷା ବିରୁଦ୍ଧରେ ଆଗକୁ ପାଦ ବଢାଅ ନାହିଁ । ମୁଁ ତୁମମାନଙ୍କୁ ସତ୍ୟ କହୁଅଛି, ଯେଉଁବ୍ୟକ୍ତି କୋରାନରେ ଉଲ୍ଲେଖ ରହିଥିବା ସାତ ଶହ ନିର୍ଦ୍ଦେଶ ମଧ୍ୟରୁ ଏକ ଛୋଟ ନିର୍ଦ୍ଦେଶକୁ ମଧ୍ୟ ଅବମାନନା କରେ, ସେ ମୁକ୍ତିର ଦ୍ୱାରକୁ ନିଜ ହାତରେ ବନ୍ଦ କରିବ । କାରଣ ଯଥାର୍ଥ ଓ ସଂପୂର୍ଣ୍ଣ ମୁକ୍ତିର ମାର୍ଗ କୋରାନ ଆମପାଇଁ ଖୋଲି ଦେଇଛି । ବାକି ସବୁ ପଥ ଏହାର ଅଧସ୍ତନ । ତେଣୁ ତୁମେ କୋରାନକୁ ନିଷ୍ଠା ଓ ଶ୍ରଦ୍ଧାର ସହିତ ପଢ । ଏହା ସହିତ ଏପରି ନିବିଡ ପ୍ରେମ କର, ଯେପରି ଆଗରୁ କାହା ସହିତ କେବେ ସେହିପରି ଭାବେ ପ୍ରେମ କରିନଥିବ ।

'କାରଣ ପ୍ରଭୁ ମୋତେ ସମ୍ବୋଧିତ କରି କହିଛନ୍ତି, الخير كله في القرآن । 'ଅଲ୍ ଖୈରୁ କୁଲ୍‌ଲହୁ ଫିଲ୍ କୁରଆନ୍' । ଅର୍ଥାତ୍ ସକଳ ପ୍ରକାର କଲ୍ୟାଣ କୋରାନ ମଧ୍ୟରେ ନିହିତ । ଏହା ହିଁ ସତ୍ୟ । କିନ୍ତୁ ମୁଁ ସେମାନଙ୍କ ପାଇଁ ଦୁଃଖିତ, ଯେଉଁମାନେ ଅନ୍ୟ ସାଂସାରିକ ବସ୍ତୁକୁ ଏହାଠାରୁ ଅଧିକ ପ୍ରାଧାନ୍ୟ ଦିଅନ୍ତି । ତୁମମାନଙ୍କର ସମସ୍ତ ସଦ୍‌ଗତି ଓ ମୁକ୍ତିର ନିର୍ଝର ହେଉଛି କୋରାନ । ଏପରି କୌଣସି ଧର୍ମଗତ ଆବଶ୍ୟକତା ନାହିଁ ଯାହା ପବିତ୍ର କୋରାନ ମଧ୍ୟରୁ ତୁମକୁ ମିଳିବ ନାହିଁ । ତୁମମାନଙ୍କର ଧର୍ମବିଶ୍ୱାସର ପ୍ରତିଫଳ ପ୍ରଦାନ କରିବାରେ କୋରାନ କୟାମତ୍( ଅନ୍ତିମ

ବିଚାର)ଦିନ ସତକର୍ମ ବା ଅସତ୍ କର୍ମର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ସେଦିନ ଏହା ତୁମ କର୍ମଭିତ୍ତିକ ବିଶ୍ୱାସର ସପକ୍ଷରେ କହିବ ନତୁବା ବିପକ୍ଷରେ କହିବ' ।

ପୁଣି କହିଛନ୍ତି, 'ଆକାଶ ତଳେ ଏପରି କୌଣସି ଧର୍ମପୁସ୍ତକ ନାହିଁ ଯାହା କୋରାନ ସଂସ୍ପର୍ଶରେ ନ ଆସି ତୁମକୁ ସତ୍‌ଶିକ୍ଷା ଦେବ । ଯେପର୍ଯ୍ୟନ୍ତ କୋରାନ ମଧ ଦେଇ ଅତିକ୍ରମ କରିନାହିଁ ଅର୍ଥାତ ଏହାର ସହାୟତା ନେଇ ନାହିଁ, ସେ ପର୍ଯ୍ୟନ୍ତ ତାହା ତୁମକୁ ସତ୍‌ପଥ ଦେଖାଇ ପାରିବ ନାହିଁ । ଯେ ପର୍ଯ୍ୟନ୍ତ କୋରାନ ଅନ୍ତର୍ଗତ ଶିକ୍ଷାର ଭାବ ବ୍ୟକ୍ତ କରା ନଯିବ, ତାହା ତୁମପାଇଁ ମୂଲ୍ୟହୀନ ହେବ । ପ୍ରଭୁ ତୁମ ପ୍ରତି ଅଶେଷ ଅନୁଗ୍ରହ କରିଛନ୍ତି ଯେ ପବିତ୍ର କୋରାନ ନାମକ ଅମୂଲ୍ୟ ଗ୍ରନ୍ଥ ଭକ୍ତି ରସାମୃତ ନୈବେଦ୍ୟ ସ୍ୱରୂପ ତୁମକୁ ଅର୍ପଣ କରିଛନ୍ତି । ମୁଁ ତୁମକୁ ନିରାଟ ସତ୍ୟ କହୁଛି ଯେ ତୁମକୁ ଦିଆଯାଇଥିବା ଏହି କୋରାନ ବାଣୀକୁ ଯଦି ଖ୍ରୀଷ୍ଟିୟାନଙ୍କୁ ଅର୍ପଣ କରା ଯାଇଥା'ନ୍ତା, ସେମାନେ ଆଜି ବିନାଶ ହୋଇ ନଥାନ୍ତେ । ସତ୍‌ଶିକ୍ଷା ସ୍ୱରୂପ ଏପରି ପୁରସ୍କାର ଯାହା ତୁମକୁ ଦିଆଯାଇଛି, ତୋରାହ୍ ଗ୍ରନ୍ଥ ପରିବର୍ତ୍ତେ ଯଦି ତାହା ଇହୁଦୀମାନଙ୍କୁ ପ୍ରଦାନ କରାଯାଇଥାନ୍ତା, ତା'ହେଲେ ସେମାନଙ୍କର କେତେକ ଗୋଷ୍ଠି ଅନ୍ତିମ ପ୍ରଳୟ ଦିବସ(କୟାମତ୍)କୁ ଅବଜ୍ଞା କରି ନଥାନ୍ତେ । ସୁତରାଂ ଏହି ପୁରସ୍କାରକୁ ସମ୍ମାନ ଜଣାଅ ଯାହା ତୁମକୁ ଦିଆଯାଇଛି । ଏହି ପୁରସ୍କାର ଆମ ପାଇଁ ଅତିପ୍ରିୟ ଓ ଗୌରବଶାଳୀ ସଂପତ୍ତି । ଯଦି କୋରାନ ଆସି ନ ଥାନ୍ତା, ତା' ହେଲେ ସମଗ୍ର ଦୁନିଆ ପୁତି ଗନ୍ଧମୟ ବର୍ଜ୍ୟ ବସ୍ତୁ ପରି ହୋଇଥାନ୍ତା । କୋରାନ ଏପରି ପୁସ୍ତକ ଯାହା ଆଗରେ ଅନ୍ୟ ସମସ୍ତ ଶିକ୍ଷାର ମାନ ଅତି ନଗଣ୍ୟ ।'

ହଜରତ ମସିହ ମଉଦ[ଅସ] ପୁଣି ଏହିପରି କହିଛନ୍ତି, 'ଏ କଥା ସତ ଯେ ଅଧିକାଂଶ ମୁସଲମାନ କୋରାନକୁ ପରିତ୍ୟାଗ କରିଛନ୍ତି । କିନ୍ତୁ କୋରାନର ସମୃଦ୍ଧିର ଆଲୋକ ତଥାପି ପ୍ରଜ୍ୱଳିତ ଓ ଉଦୀପ୍ତ । ଏହାର ପ୍ରଭାବ ସର୍ବଦା ଜୀବନ୍ତ ଓ ସତେଜ । ଏହାର ପ୍ରମାଣ ସ୍ୱରୂପ ମୁଁ ପୃଥିବୀକୁ ପ୍ରେରିତ ହୋଇ ଆସିଛି । ଅଲ୍ଲାଃତାଲା ସଦାସର୍ବଦା ନିଜର ପ୍ରିୟ ଭକ୍ତମାନଙ୍କୁ ସତ୍ୟର ସମର୍ଥନରେ ନିଜ ଅସ୍ତିତ୍ୱର ପ୍ରମାଣ ପ୍ରକାଶ କରିବା ପାଇଁ ପଠାଇ ଆସୁଛନ୍ତି । କାରଣ ସେ ଦୃଢ ପ୍ରତିଶ୍ରୁତି ଦେଇଛନ୍ତି :

**ଇନ୍ନା ନହ୍‌ନୁ ନଜ୍‌ଜଲ୍‌ନଜ୍ ଜିକ୍‌ରା ଓ୍ୱ ଇନ୍ନା ଲହୁ ଲହାଫିଜୁନ୍ ॥** إِنَّا نَحْنُ نَزَّلْنَا الذِّكْرَ وَإِنَّا لَهُ لَحَافِظُونَ

ଅନୁବାଦ : 'ନିଃସନ୍ଦେହରେ ଆମ୍ଭେ ଏହି ଉପଦେଶ ଅର୍ଥାତ୍ ପବିତ୍ର କୋରାନକୁ ଅବତୀର୍ଣ୍ଣ କରିଛୁ ଏବଂ ଆମ୍ଭେ ନିଶ୍ଚୟ ଏହାକୁ ସଂରକ୍ଷିତ କରି ରଖିବୁ ।' **(ଅଲ-ହିଜର:୧୦)**

ସୁରକ୍ଷାର ପ୍ରତିଶ୍ରୁତି ଅଲ୍ଲାଃତାଲା କୋରାନ ବ୍ୟତୀତ ତୌରାତ୍ କିମ୍ବା ଅନ୍ୟ କୌଣସି ପୁସ୍ତକକୁ ଦେଇ ନାହାନ୍ତି । ସେଥିଯୋଗୁଁ ସେହିସବୁ ଧର୍ମଗ୍ରନ୍ଥରେ ମନୁଷ୍ୟକୃତ ଚତୁରତା ଓ ମନଗଢା ବିଷୟ ପଶିଯାଇଛି । ଅଲ୍ଲାଃଙ୍କ ଦ୍ୱାରା ପବିତ୍ର କୋରାନକୁ ସୁରକ୍ଷା ପ୍ରଦାନର ବଳିଷ୍ଠ ପ୍ରମାଣ ହେଉଛି ଯେ ଏହାର ସୁଦୂର ପ୍ରସାରୀ ପ୍ରଭାବ ସବୁବେଳେ ଅମଳିନ ଓ ସତେଜ ରହିଛି । ଇହୁଦୀମାନେ ତୌରାତ୍ (ତୋରାହ୍) ଗ୍ରନ୍ଥକୁ ସଂପୂର୍ଣ୍ଣ ଛାଡି ଦେଇଥିବାରୁ ସେଥିରେ ଉଲ୍ଲେଖ ଥିବା ଧର୍ମଶିକ୍ଷାର ପ୍ରଭାବ ଦୁର୍ବଳ ଓ ପାଳନୀୟ ହେବା ଶକ୍ତି କ୍ଷୀଣ ହୋଇ ଯାଇଛି, ଯାହା ଫଳରେ ସେହି ଜାତି ମୃତବତ୍ ଓ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ।

ସୁତରାଂ ଅତି ଦରଦ ଭାବରେ ମସିହ ମଉଦ[ଅସ] ଏକ ଉପଦେଶ ଦେଇ କହିଛନ୍ତି, 'ତୁମ ସକାଶେ ଏହା ଅତ୍ୟନ୍ତ ଜରୁରୀ ଯେ ତୁମେ କୋରାନ୍‌କୁ ପରିତ୍ୟକ୍ତ ଅବସ୍ଥାରେ ଛାଡନାହିଁ, କାରଣ ଏଥିରେ ତୁମ ଜୀବନ ନିହିତ ଅଛି । ଯେଉଁମାନେ କୋରାନକୁ ଇଜ୍ଜତ ଦେବେ, ସେମାନେ ସ୍ୱର୍ଗରେ ଇଜ୍ଜତ ପାଇବେ । ଯେଉଁମାନେ ପ୍ରତ୍ୟେକ ହଦିସ ଓ ପ୍ରତି ଲଘୁବାକ୍ୟ ଠାରୁ କୋରାନକୁ ପ୍ରାଧାନ୍ୟ ଦେବେ, ସେମାନଙ୍କୁ ସ୍ୱର୍ଗରେ ପ୍ରାଧାନ୍ୟ ଦିଆଯିବ । ସମଗ୍ର ପୃଥିବୀ ପୃଷ୍ଠରେ ମାନବଜାତି ପାଇଁ ଅନ୍ୟ କୌଣସି ପୁସ୍ତକ କାମରେ ଆସିବ ନାହିଁ, ମାତ୍ର କୋରାନ । ସମସ୍ତ ଆଦମ ସନ୍ତାନଙ୍କ ପାଇଁ କୌଣସି ବାର୍ତ୍ତାବହ ମଧ୍ୟସ୍ଥି କରିବାରେ ସକ୍ଷମ ହେବେ ନାହିଁ, କେବଳ ହଜରତ ମୁହମ୍ମଦ[ସଃ]ଙ୍କ ବ୍ୟତୀତ ।

ଜୁମା ନମାଜ ପରେ MTA ର ଜଣେ କର୍ମକର୍ତ୍ତା ଶ୍ରୀଯୁକ୍ତ କଲିମ ଅହମଦ୍ ଓ୍ୱସୀମ ସାହେବଙ୍କ ପ୍ରତ୍ୟକ୍ଷ ନମାଜ ଜନାଜାଃ ପଢାଇଲେ, ଯିଏ କି ଜୁଲାଇ ୬ ତାରିଖ ଦିନ ୫୪ ବର୍ଷ ବୟସରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିଲେ । ସେହିପରି ୨୨ ଜୁନ ୨୦୧୪କୁ ୮୫ ବର୍ଷ ବୟସରେ ମୃତ୍ୟୁ ଲାଭ କରିଥିବା ଆମେରିକାର ମାଆସମ୍‌ଜ କୀ ବଶିରୁଦ୍ଦିନ ସାହେବଙ୍କ ପାଇଁ ପରୋକ୍ଷ ନମାଜ ଜନାଜାଃ ପଢାଇଲେ ।

ଓଡିଆରେ ଉପସ୍ଥାପନା: **ସମୀକ୍ଷା କମିଟି,ଓଡିଶା**
Mob : 09437684859, email : roushankhan59@gmail.com